The Asmita Agnishikha

Postal Regd. No. OR/SBP/31/2009-2011
Govt.Regd. No. 4445/68

ARY, 10, 2010 ■ ୪୨ଶ ବର୍ଷ ■ ସଂଖ୍ୟା ୧୪୧ ■ ସମ୍ବଲପୁର ■ ରବିବାର ୧୦ ଜାନୁଆରୀ, ୨୦୧୦ ■ ମୂଲ୍ୟ. ୧.୫୦ ପ.



ଡେନମାର୍କର ଓର୍ହୁସ ବିଶ୍ୱବିଦ୍ୟାଳୟ ସହ ସମ୍ବଲପୁର ବିଶ୍ୱବିଦ୍ୟାଳୟର ବୁଝାମଣା ପତ୍ର ସ୍ୱାକ୍ଷର



ଜ୍ୟୋତିବିହାର, ୯/୧- ...ଲପୁର ବିଶ୍ୱବିଦ୍ୟାଳୟ ...ନ୍‌ମାର୍କର ଓର୍ହୁସ ବିଶ୍ୱବିଦ୍ୟାଳୟ ... ଏକ ବୁଝାମଣା କରି ପ୍ରମୁଖ ...ଲଖୁଣ୍ଟିଏ ଅତିକ୍ରମ କରିଛି। ... ଚୁକ୍ତିନାମା ସ୍ୱାକ୍ଷର ଫଳରେ ...ଲପୁର ବିଶ୍ୱବିଦ୍ୟାଳୟ ଏବଂ ...ନ୍‌ମାର୍କର ଓର୍ହୁସ ବିଶ୍ୱବିଦ୍ୟାଳୟ ...ରେ ଶିକ୍ଷାବିତ୍ ତଥା ...ଷକଙ୍କ ମଧ୍ୟରେ ଜ୍ଞାନ, ତଥ୍ୟ ... ଉପଲବ୍ଧିର ଆଦାନପ୍ରଦାନ, ...ଯୋଗ, ମିଳିତ ଗବେଷଣା, ...ପକ ଏବଂ ଛାତ୍ରଙ୍କ ପରସ୍ପର ...ବିଦ୍ୟାଳୟ ପରିଦର୍ଶନ, ପାଠ୍ୟ ...ଗ୍ରୀର ଆଦାନପ୍ରଦାନ ଆଦି ...ାଯିବ। ସମ୍ବଲପୁର ...ବିଦ୍ୟାଳୟକୁ ନବଦିଗନ୍ତ ...ନ କ୍ଷେତ୍ରରେ ଏହା ମହତ୍ୱପୂର୍ଣ୍ଣ ...କ୍ଷେପ ରୂପେ ବିବେଚନା ...ାଯାଉଛି। ସମ୍ବଲପୁର ...ବିଦ୍ୟାଳୟର କୁଳପତି ପ୍ର. ...ଣ କୁମାର ପୂଜାରୀ ...ବିଦ୍ୟାଳୟକୁ ସାଧାରଣ ...ସୁଲୀରୁ ଏକ ସମସାମୟିକ ...ୀ ଅଧ୍ୟୟନ ତଥା ଗବେଷଣା ... ଜ୍ଞାନକୌଶଳର ...ବିଦ୍ୟାଳୟରେ ପରିଣତ ...ବାର ଇଚ୍ଛା ଏବଂ ...ଦ୍ୟାଳୟର ନୃତତ୍ତ୍ୱ ବିଭାଗର ... ପ୍ର. ଦୀପକ କୁମାର ...ହରାଙ୍କ ସଦାବେଳେ କିଛି ...କରିବାର ସ୍ପୃହା ଯୋଗୁଁ ଏହା ... ହୋଇପାରିଛି। ୧୯୨୮ ...ହାରେ ୟୁରୋପର ... କେନ୍ଦ୍ରାଞ୍ଚଳରେ ସ୍ଥାପିତ ଓର୍ହୁସ ବିଶ୍ୱବିଦ୍ୟାଳୟ ଡେନ୍‌ମାର୍କର ଏକମାତ୍ର ଶିକ୍ଷାକେନ୍ଦ୍ର ଯେଉଁଠି ଦକ୍ଷିଣ ଏସିଆ ସମ୍ବନ୍ଧୀୟ ଶିକ୍ଷା ସାଙ୍ଗକୁ ଭାରତ ତଥା ହିନ୍ଦୀ ଭାଷାକୁ ଅଗ୍ରାଧିକାର ଦେଇଆସିଛି। ୩୫୦୦ ଶିକ୍ଷାର୍ଥୀ ଓ ୮୫୦୦ କର୍ମକର୍ତ୍ତାଙ୍କୁ ନେଇ ମାନବିକତା, ବିଜ୍ଞାନ, ବ୍ୟବସାୟିକ ସ୍କୁଲ ଆଦି ସମେତ ୯ଟି ବିଷୟରେ ଅଧ୍ୟାପନା ଦେଇ ଶୀର୍ଷରେ ଅଛି ଏହି ବିଶ୍ୱବିଦ୍ୟାଳୟ। ବିଶ୍ୱର ୧୭ ହଜାର ବିଶ୍ୱବିଦ୍ୟାଳୟକୁ ନେଇ ହୋଇଥିବା 'ଦି-କ୍ୟୁଏସ୍-ୱାର୍ଲ୍ଡ ର୍ୟାଙ୍କିଙ୍ଗ'ରେ ଏହି ବିଶ୍ୱବିଦ୍ୟାଳୟ ୬୩ତମ ତଥା ୟୁରୋପରେ ୧୯ତମ ସ୍ଥାନରେ ରହିଛି।

ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ର. ଅରୁଣ କୁମାର ପୂଜାରୀଙ୍କ ଅଧ୍ୟକ୍ଷତାରେ ଆଜି ଜ୍ୟୋତିବିହାରରେ ହୋଇଥିବା ବୁଝାମଣା ସ୍ୱାକ୍ଷର ଉତ୍ସବରେ ଡେନ୍‌ମାର୍କ ବିଶ୍ୱବିଦ୍ୟାଳୟ ପକ୍ଷରୁ କଣ୍ଟେମ୍ପୋରାରୀ ଇଣ୍ଡିଆ ଷ୍ଟଡ଼ିଜ ସେଣ୍ଟର, ଓର୍ହୁସର ସଭାପତି ଡ. ଉବ୍ ସ୍କୋର୍ଡ଼ା ଯୋଗ ଦେଇଥିଲେ। ଡ. ସ୍କୋର୍ଡ଼ା ଭାରତର ଅଗ୍ରିଆ ବା ଅଘରିଆ ଜାତି ଉପରେ 'ଦି ଅଗ୍ରିଆଜ୍ ଏ ପିଜେଣ୍ଟ କାଷ୍ଟ ଅନ୍ ଏ ଟ୍ରାଇବାଲ ଫ୍ରଣ୍ଟିୟର' ନାମକ ପୁସ୍ତକ ରଚନା କରିଛନ୍ତି। ସମ୍ବଲପୁର ଜିଲ୍ଲାର କୁଚିଣ୍ଡା ଅଞ୍ଚଳର ଅଘରିଆଙ୍କ ଉପରେ ସେ କରିଥିବା ଅଧ୍ୟୟନ ଏହି ପୁସ୍ତକରେ ସ୍ଥାନ ପାଇଛି। ଭାରତୀୟ ସମାଜ - ତା'ର ଇତିହାସ, ଭାଷା ତଥା ଶିକ୍ଷାର ପ୍ରଚୁର ପ୍ରସାର ପାଇଁ ହିଷ୍ଟ୍ରି ଏଣ୍ଡ ଏରିଆ ଷ୍ଟଡ଼ିଜ ଏବଂ ୟୁରୋପିଅନ୍ ଗ୍ରାଣ୍ଟଙ୍କ ମଞ୍ଜୁରି ଜରିଆରେ କଣ୍ଟେମ୍ପୋରାରୀ ଇଣ୍ଡିଆ ଷ୍ଟଡ଼ିଜ ସେଣ୍ଟର ଓର୍ହୁସର ଆରମ୍ଭ ହୋଇଛି। ଏଥିପାଇଁ ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଏଲାହାବାଦ ବିଶ୍ୱବିଦ୍ୟାଳୟ ଏବଂ ଦିଲ୍ଲୀ ବିଶ୍ୱବିଦ୍ୟାଳୟ (ଭେଙ୍କଟେଶ୍ୱର କଲେଜ)କୁ ଏହି ସେଣ୍ଟରର ଅଂଶବିଶେଷ କରିବା ପାଇଁ ସ୍ଥିର ହୋଇଛି। ଭାରତରେ ଥିବା ଇଣ୍ଡିଆ ଷ୍ଟଡ଼ିଜ ସେଣ୍ଟର ଓର୍ହୁସର ପରିଚାଳନା ମଣ୍ଡଳୀରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱ ବିଭାଗର ମୁଖ୍ୟ ପ୍ର. ଦୀପକ କୁମାର ବେହେରା, ଏଲାହାବାଦ ବିଶ୍ୱବିଦ୍ୟାଳୟର ପ୍ର. ବିଜୟ ସହାୟ ଏବଂ ଭେଙ୍କଟେଶ୍ୱର କଲେଜର ପ୍ର. ନିର୍ମଳ କୁମାର ଅଛନ୍ତି। ଶିକ୍ଷାକେନ୍ଦ୍ର କାର୍ଯ୍ୟସୂଚୀ, ନୀତି ନିର୍ଦ୍ଧାରଣ, ପାଠ୍ୟଖସଡ଼ା ପ୍ରସ୍ତୁତି, କର୍ମଶାଳା ଆୟୋଜନ କରିବା ଆଦି ପରିଚାଳନା କମିଟିର ମୁଖ୍ୟ କାର୍ଯ୍ୟ ପରିସର। ଆସନ୍ତା ମେ ମାସରେ ଦୀପକ କୁମାର ବେହେରା ପ୍ରଥମ ପରିଚାଳନା କମିଟି ବୈଠକରେ ଯୋଗଦେବାକୁ ଡେନମାର୍କ ଯିବେ। ଅକ୍ଟୋବର ୨୦୧୦ରେ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ସାମାଜିକ ବିଜ୍ଞାନର ଗବେଷଣା ଶୀର୍ଷକ କର୍ମଶାଳା ଅନୁଷ୍ଠିତ ହେବ। ଆଜି ଚୁକ୍ତିନାମା ସ୍ୱାକ୍ଷର ଅବସରରେ ପିଜି-କାଉନସିଲ ଅଧ୍ୟକ୍ଷ, କୁଳ ସଚିବ, ସିଣ୍ଡିକେଟ ସଦସ୍ୟ ଏବଂ ଅତିଥିବୃନ୍ଦ ଉପସ୍ଥିତ ଥିଲେ।

ଶ୍ରୀଅରବିନ୍ଦଙ୍କ ପବିତ୍ର ଦେହାଂଶ ୧୫ରେ ସମ୍ବଲପୁରରେ ପହଞ୍ଚିବ

ସମ୍ବଲପୁର, ୯/୧- ଶ୍ରୀଅରବିନ୍ଦଙ୍କ ପବିତ୍ର ଅପରାହ୍ନରେ ସ୍ନାଖଲାରେ ପବିତ୍ର ଦେହାଂଶ